## APPENDIX - II

ORIGINAL INSTRUMENTS IN ORIYA

**CENTRE OF ADVANCED STUDY IN EDUCATION**
**Faculty of Education and Psychology**
**M. S. University of Baroda**
**BARODA, GUJARAT**

### ମାଧ୍ୟମିକ ସ୍କୁଲ ଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କ ପରିବେଶ ସମ୍ପର୍କୀୟ ଜ୍ଞାନ, ମନୋବୃତ୍ତି ଓ ପରିବେଶ ଶିକ୍ଷା ସମ୍ବନ୍ଧୀୟ ପ୍ରତ୍ୟକ୍ଷ ପ୍ରଶ୍ନପତ୍ର ।

**I. ବ୍ୟକ୍ତିଗତ ସୂଚନା ପତ୍ର**

1. ସ୍କୁଲ / କଲେଜର ନାମ—

2. ଆପଣଙ୍କ ନାମ—

3. ପୁରୁଷ / ସ୍ତ୍ରୀ —

4. ବୟସ—

5. ଶିକ୍ଷାଦାନ ଅଭିଜ୍ଞତା—ଉପଯୁକ୍ତ ସ୍ଥାନରେ ଠିକ୍ √ ଚିହ୍ନ ଦିଅନ୍ତୁ ।

| କିଛି ନାହିଁ | ୫ ବର୍ଷରୁ କମ୍ | ୫ରୁ ୧୦ ବର୍ଷ | ୧୦ ବର୍ଷରୁ ଅଧିକ |
|---|---|---|---|
| | | | |

6. ଆପଣ ରହୁଥିବା ସ୍ଥାନ / ଘର    ସହରାଞ୍ଚଳ / ଗ୍ରାମାଞ୍ଚଳ

7. ସାଧାରଣ ଶିକ୍ଷାଗତ ଯୋଗ୍ୟତା ।

—ବି.ଏ. / ବି. ଏସ୍‌ସି. / ବି. କମ୍.
—ଏମ୍. ଏ. / ଏମ୍. ଏସ୍‌ସି. / ଏମ୍. କମ୍.
—(ଅନ୍ୟ କିଛି ହେଲେ ଲେଖନ୍ତୁ)

8. ସ୍କୁଲରେ ପଢ଼ାଉଥିବା ବିଷୟ / ବିଷୟମାନ—

୯· ବି· ଏଡ୍. ପଢୁଥିବା ଛାତ୍ରଛାତ୍ରୀମାନଙ୍କର ସାମାଜିକ, ଅର୍ଥନୈତିକ ଅବସ୍ଥା ସମ୍ବନ୍ଧୀୟ ସୂଚନା---

(କ) ଆପଣଙ୍କ ପିତାମାତାଙ୍କ ଯୋଗ୍ୟତା-(ଉପଯୁକ୍ତ କୋଠରୀରେ ଠିକ୍ ଚିହ୍ନ √ ଦିଅନ୍ତୁ)

| | ପିତା | ମାତା |
|---|---|---|
| ଅଶିକ୍ଷିତ | | |
| ପ୍ରାଥମିକ ଶିକ୍ଷା | | |
| ମାଧ୍ୟମିକ ଶିକ୍ଷା | | |
| ଉପାଧି ଶିକ୍ଷା | | |
| ଉପାଧି ଉତ୍ତର ଶିକ୍ଷା | | |

(ଖ) ପିତାମାତାଙ୍କର ଜୀବିକା—(ସେମାନେ କରୁଥିବା କାର୍ଯ୍ୟର ନାମ ଲେଖନ୍ତୁ)

ପିତା—

ମାତା—

(ଗ) ଆପଣଙ୍କ ପରିବାରର ମାସିକ ଆୟ—

10. ଶିକ୍ଷକତା କରୁଥିବା ବ୍ୟକ୍ତିମାନଙ୍କର ସାମାଜିକ, ଅର୍ଥନୈତିକ ଅବସ୍ଥା ସମ୍ପର୍କୀୟ ସୂଚନା—

(କ) ଆପଣଙ୍କର ପରିବାରର ମାସିକ ଆୟ—

(ଏଠାରେ ପରିବାର କହିଲେ କେବଳ ସ୍ୱାମୀ, ସ୍ତ୍ରୀ ଏବଂ ଏକତ୍ର ରହୁଥିବା ପିଲାମାନଙ୍କୁ ବୁଝାଏ । ଅବିବାହିତ ଶିକ୍ଷକ / ଶିକ୍ଷୟିତ୍ରୀମାନେ କେବଳ ନିଜର ମାସିକ ଆୟ ଲେଖନ୍ତୁ)

(ଖ) ଯଦି ଆପଣ ବିବାହିତ ତାହାହେଲେ ଆପଣଙ୍କର ସ୍ୱାମୀ / ସ୍ତ୍ରୀ କରୁଥିବା ଚାକିରି / କାର୍ଯ୍ୟ——

(ଗ) ଯଦି ଆପଣ ବିବାହିତ ତାହାହେଲେ ଆପଣଙ୍କ ସ୍ୱାମୀ / ସ୍ତ୍ରୀ ଙ୍କର ଶିକ୍ଷାଗତ ଯୋଗ୍ୟତା

# ପ୍ରଥମ ଭାଗ

## "ପରିବେଶ ଶିକ୍ଷା ସମ୍ବନ୍ଧୀୟ ଅନୁଚିନ୍ତା"

ଯେକୌଣସି ବିଷୟରେ ପାଠ୍ୟକ୍ରମ ପ୍ରଣୟନ ଓ ନବୀକରଣ ନିମନ୍ତେ ପ୍ରଥମତଃ ଶିକ୍ଷକମାନଙ୍କର ମତାମତ ନିଆଯିବା ଦରକାର । ସେମାନଙ୍କର ଜ୍ଞାନ, ମନୋବୃତ୍ତି, ଦୃଷ୍ଟିଭଙ୍ଗୀ ଓ ଅନୁଭବ, ପାଠ୍ୟକ୍ରମର ରୂପରେଖ ନିର୍ଣ୍ଣୟ କରିବାରେ ବିଶେଷ ସହାୟକ ହୋଇଥାଏ । ପରିବେଶ ଶିକ୍ଷା ପ୍ରସଙ୍ଗରେ ପାଠ୍ୟକ୍ରମ ନିର୍ଣ୍ଣୟ ପାଇଁ ମଧ୍ୟ ଏହା ପ୍ରଯୁଜ୍ୟ । "ପରିବେଶ ଶିକ୍ଷା" (Environmental Education ) ଆମର ଶିକ୍ଷା ବ୍ୟବସ୍ଥାର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହେବାକୁ ଯାଉଛି । କିନ୍ତୁ ଏହାକୁ ଏକ ଦୃଢ଼ ମୂଳଦୁଆ ଉପରେ ପ୍ରତିଷ୍ଠାପିତ କରାଇବାକୁ ହେବ । ଆପଣମାନେ ପରିବେଶ ଶିକ୍ଷା ସମ୍ବନ୍ଧରେ ଅବଗତ ଅଛନ୍ତି । ଏହି ପ୍ରଶ୍ନପତ୍ରଗୁଡ଼ିକ ମାଧ୍ୟମରେ ଆମେ ଆପଣଙ୍କଠାରୁ କିଛି ଅଧିକ ତଥ୍ୟ ସଂଗ୍ରହ କରିବାକୁ ଚାହୁଁଛୁ । କିନ୍ତୁ ଆପଣଙ୍କର ଜ୍ଞାନ ବା ପାରଗତା ପରୀକ୍ଷା ପାଇଁ ଏହି ପ୍ରଶ୍ନପତ୍ର ଉଦ୍ଦିଷ୍ଟ ବୋଲି ଧରିନେବେ ନାହିଁ । ବସ୍ତୁତଃ ଏ ପ୍ରଚେଷ୍ଟା ଶିକ୍ଷକମାନଙ୍କର ମତାମତ, ଦୃଷ୍ଟିକୋଣ ବା ଏ ସମ୍ବନ୍ଧରେ ସେମାନେ କ'ଣ କରିବାକୁ ଚାହାନ୍ତି ତାହା ଜାଣିବା ପାଇଁ ଅଭିପ୍ରେତ । ତେଣୁ ଆପଣଙ୍କର ମୂଲ୍ୟବାନ ମତାମତ / ପ୍ରସ୍ତାବ ନିଃସଙ୍କୋଚ ଭାବରେ ଦିଅନ୍ତୁ ।

**ନିର୍ଦ୍ଦେଶାବଳୀ**—ଏହି ପ୍ରଶ୍ନପତ୍ରରେ ବିଭିନ୍ନ ପ୍ରକାରର ପ୍ରଶ୍ନ ଦିଆଯାଇଛି । କେତେକ ପ୍ରଶ୍ନରେ ଦିଆଯାଇଥିବା ସମ୍ଭାବ୍ୟ ଉତ୍ତରମାନଙ୍କ ମଧ୍ୟରୁ ସବୁଠାରୁ ଉପଯୁକ୍ତ ଉତ୍ତରଟି ବାଛିବାକୁ ହେବ ଏବଂ ଉତ୍ତର ସୂଚାଉଥିବା ସଂଖ୍ୟା ଚାରିପଟେ ଗୋଲ ବୁଲାଇବାକୁ ହେବ । ଅନ୍ୟ କେତେକ ପ୍ରଶ୍ନର ଉତ୍ତର କରିବାପାଇଁ ଆପଣଙ୍କୁ ଶୂନ୍ୟସ୍ଥାନ ପୂରଣ କରିବାକୁ ପଡ଼ିବ । ଆଉ ଅନ୍ୟ କେତେକ ପ୍ରଶ୍ନର ଉତ୍ତର ହଁ ବା ନାହିଁ ହୋଇପାରେ । ଆପଣ ଦେଇଥିବା ହଁ / ନାହିଁର ଯୁକ୍ତିଯୁକ୍ତତା ଏହି ପ୍ରଶ୍ନ ତଳେ ଥିବା ସ୍ଥାନରେ ଅତି ସଂକ୍ଷେପରେ ଦର୍ଶାଇବାକୁ ଅନୁରୋଧ ।

1. ପରିବେଶ ଅଧ୍ୟୟନ ପରିପ୍ରେକ୍ଷୀରେ ନିମ୍ନଲିଖିତ କେଉଁ ବକ୍ତବ୍ୟଟି ପରିବେଶର ସ୍ୱୟଂସଂପୂର୍ଣ୍ଣ ସଂଜ୍ଞା ବୁଝାଉଅଛି ?
   1. ପ୍ରାଣୀ ଓ ଉଦ୍ଭିଦ ଜଗତ, ନଦୀ, ହ୍ରଦ, ପର୍ବତ, ସମୁଦ୍ର, ଅନ୍ତରୀକ୍ଷ ଇତ୍ୟାଦି
   2. ସମାଜ, ସାମାଜିକ ନିୟମ, ପରମ୍ପରା, ସଂସ୍କାର, ନ୍ୟାୟବ୍ୟବସ୍ଥା, ଶାସନସଂସ୍ଥା ଇତ୍ୟାଦି
   3. ଶିଳ୍ପ ଗଠନ, ଗମନାଗମନ ଓ ପରିବହନ ବ୍ୟବସ୍ଥା, ଚାରୁକଳା, ବୈଜ୍ଞାନିକ କୃତି, ଯାବତ ଜୀବିକାର୍ଜନ ଉପାୟ ଇତ୍ୟାଦି ।
   4. ଜୀବମଣ୍ଡଳରେ ଥିବା ସମସ୍ତ ସଜୀବ ଓ ନିର୍ଜୀବ ପଦାର୍ଥ, ସେମାନଙ୍କ ମଧ୍ୟରେ ଥିବା ଆନ୍ତଃ ଓ ଅନ୍ତର ସମ୍ପର୍କ ।

2. ପରିବେଶ ଶିକ୍ଷାରଅର୍ଥ ହେଲା
   1. ପରିବେଶକୁ ଶିକ୍ଷଣର ଉତ୍ସରୂପେ ବ୍ୟବହାର କରି ଶିକ୍ଷାଦାନ ।
   2. ପରିବେଶ ସମ୍ବନ୍ଧୀୟ ଶିକ୍ଷାଦାନ ।
   3. ପରିବେଶର ଉନ୍ନତି ବିଧାନ ନିମନ୍ତେ ଦିଆଯାଉଥିବା ଶିକ୍ଷା ।
   4. ଉପଯୁକ୍ତ ସମସ୍ତ ବିଷୟ ।

3. ପରିବେଶ ଶିକ୍ଷାର ଲକ୍ଷ୍ୟ କ'ଣ ହେବା ଉଚିତ ?

1· ପରିବେଶ ସମ୍ବନ୍ଧୀୟ ଚେତନା, ଅନୁଚିନ୍ତା ଏବଂ ସଂକଳ୍ପିତ କାର୍ଯ୍ୟକ୍ରମ ମାଧ୍ୟମରେ ପରିବେଶ ସମସ୍ୟାର ସମାଧାନ ।

2· ଆଣବିକ ଯୁଦ୍ଧର ନିରାକରଣ, କାରଣ ଏହାର ଅବଶ୍ୟମ୍ଭାବୀ ପରିଣାମ ହେଲା ବିଶ୍ୱଧ୍ୱଂସ ।

3· ଜନ ସଂଖ୍ୟା ବୃଦ୍ଧି ହାର ଶୂନ୍ୟ ସ୍ତରକୁ ଆଣିବା, କାରଣ ଜନ ବିସ୍ଫୋରଣ ହିଁ ସମସ୍ତ ସମସ୍ୟାର ମୂଳ ।

4. ପରିବେଶ ଶିକ୍ଷା ସମ୍ବନ୍ଧୀୟ ଦର୍ଶନଟିକୁ ନିମ୍ନୋକ୍ତ କେଉଁ ବକ୍ତବ୍ୟଦ୍ୱାରା ସର୍ବୋତ୍କୃଷ୍ଟ ଭାବେ ପ୍ରକାଶିତ ହେଉଅଛି ?

1· ପ୍ରକୃତି ଏବଂ ମାନବ ମଧ୍ୟରେ ପରସ୍ପର ନିର୍ଭରଶୀଳତା ।

2· ମନୁଷ୍ୟ ଉପରେ ପ୍ରକୃତିର ନିୟନ୍ତ୍ରଣ ।

3· ମନୁଷ୍ୟର ପ୍ରକୃତି ଉପରେ କର୍ତ୍ତୃତ୍ୱ ।

5· ବିଶ୍ୱ ବର୍ତ୍ତମାନ ଏକ ସାଂଘାତିକ ପରିବେଶ ସଙ୍କଟ ଦେଇ ଗତି କରୁଛି ବୋଲି ଆପଣ ଭାବନ୍ତି କି ?

—ହଁ / ନାହିଁ

6 ଆପଣଙ୍କ ମତରେ ବର୍ତ୍ତମାନ କେଉଁ ପରିବେଶ ସମସ୍ୟା, ଓଡ଼ିଶା, ଭାରତ ଏବଂ ସାରା ପୃଥିବୀ ପାଇଁ ଅତି ଗୁରୁତର ? ପାର୍ଶ୍ୱରେ ଦିଆଯାଇଥିବା ସ୍ଥାନରେ ଲେଖନ୍ତୁ । ନିମ୍ନରେ ପରିବେଶ ସମସ୍ୟାର ଏକ ତାଲିକା ଦିଆଯାଇଛି । ଆପଣ ଏହାର ସାହାଯ୍ୟ ନେଇ ପାରନ୍ତି ।

1· ଜଙ୍ଗଲ ଧ୍ୱଂସ     ପୃଥିବୀ ____________________

2· ପରିସଂସ୍ଥୀୟ ସନ୍ତୁଳନରେ ବ୍ୟାଘାତ (Ecodisruption)

3· ବନ୍ୟଜନ୍ତୁ ବିଲୋପ     ଭାରତ ____________________

4· ଜନ ବିସ୍ଫୋରଣ

5· ଆଣବିକ ଯୁଦ୍ଧ ଭୟ

6· ପ୍ରଦୂଷଣ     ଓଡ଼ିଶା ____________________

7· ପ୍ରାକୃତିକ ସମ୍ପଦ ହ୍ରାସ

8· ଶକ୍ତି ସଂକଟ

9· ଭୂ-ବିନିଯୋଗ

7. ପରିବେଶ ଶିକ୍ଷା ପାଠ୍ୟକ୍ରମରେ ବ୍ୟବସ୍ଥା କରାଗଲେ, ଏହା ପରିବେଶ ସମସ୍ୟାର ସମାଧାନ ତଥା ନିରାକରଣ ଦିଗରେ ସହାୟକ ହେବ କି ? —ହଁ / ନାହିଁ

8. ଯଦି ପରିବେଶ ଶିକ୍ଷାକୁ ଆମ ଶିକ୍ଷା ବ୍ୟବସ୍ଥାର ଅନ୍ତର୍ଭୁକ୍ତ କରାଯାଏ, ତା'ହେଲେ କେଉଁ ସ୍ତରରେ ଏହା ସ୍ଥାନ ପାଇବା ଉଚିତ ?

   1. ପ୍ରାଥମିକ ସ୍ତର
   2. ମାଧ୍ୟମିକ ସ୍ତର
   3. କଲେଜ ସ୍ତର
   4. ଶିକ୍ଷକ ପ୍ରଶିକ୍ଷଣ
   5. ଉପରର ସମସ୍ତ ସ୍ତରରେ
   6. ଉପର ବିଷୟ ବ୍ୟତୀତ ଅନ୍ୟ କିଛି, ଭାବୁଥିଲେ ଲେଖନ୍ତୁ ।

9. ମାଧ୍ୟମିକ ଶିକ୍ଷା ସ୍ତରରେ "ପରିବେଶ ଶିକ୍ଷା" ର ସ୍ଥାନ କ'ଣ ହେବା ଉଚିତ୍ ?

   1. ଏକ ସ୍ୱତନ୍ତ୍ର ବିଷୟ
   2. ବିଭିନ୍ନ ବିଷୟ ଶିକ୍ଷାଦାନ ପାଇଁ ପରିବେଶ ଶିକ୍ଷାକୁ ଏକ ମାଧ୍ୟମ ତଥା ପ୍ରଣାଳୀ ରୂପେ ଗ୍ରହଣ ।
   3. ବିଭିନ୍ନ ବିଷୟ ମାଧ୍ୟମରେ ପରିବେଶ ଶିକ୍ଷାଦାନ
   4. କୌଣସି ବିଷୟର ଅତିରିକ୍ତ ପାଠରୂପେ ଶିକ୍ଷାଦାନ
   5. ଅନ୍ୟ କୌଣସି କଥା ଚିନ୍ତା କରୁଥିଲେ ନିମ୍ନରେ ଦର୍ଶାନ୍ତୁ ।

10. ପରିବେଶ ଶିକ୍ଷାରେ ବିଷୟବସ୍ତୁର ସମାବେଶ କିପରି ହେବା ଉଚିତ ?

   1. କେତେକ ଧାରଣା, ନିୟମ ଓ ମତାମତକୁ ନେଇ
   2. କେତେକ ତଥ୍ୟକୁ ନେଇ
   3. ପରିବେଶ ସମସ୍ୟାକୁ ନେଇ
   4. କାର୍ଯ୍ୟକୁ ଭିତ୍ତି କରି
   5. ଅନ୍ୟ କୌଣସି ପ୍ରଣାଳୀରେ ବିଷୟ ବସ୍ତୁର ସମାବେଶ ଭାବ ଥିଲେ ଦର୍ଶାନ୍ତୁ

11. (କ) ମନେକର କୌଣସି ନିର୍ଦ୍ଦିଷ୍ଟ ବିଷୟକୁ କେନ୍ଦ୍ର କରି ପରିବେଶ ଶିକ୍ଷା ସମ୍ବନ୍ଧୀୟ ଏକ ଅନ୍ତଃ ପାଠ୍ୟକ୍ରମ (core curriculum) ପ୍ରଣୟନ ପାଇଁ ସିଦ୍ଧାନ୍ତ ନିଆଗଲା । ନିମ୍ନୋକ୍ତ କେଉଁ ବିଷୟଟି ଏଥିପାଇଁ ସର୍ବାପେକ୍ଷା ବ୍ୟାପକ ପରିସର ସୃଷ୍ଟି କରିବ ?

1. ଭାଷା
2. ଗଣିତ
3. ବିଜ୍ଞାନ
4. ସାମାଜିକ ବିଜ୍ଞାନ
5. କ୍ରୀଡ଼ା
6. ସୃଜନଶୀଳ ଅଭିବ୍ୟକ୍ତି

(ଖ) ଏପରି ଏକ ପଦକ୍ଷେପ କାମ୍ୟ ବୋଲି ମନେ କରୁଛନ୍ତି କି ? ହଁ / ନାହିଁ

12. ମାଧ୍ୟମିକ ସ୍ତରରେ 'ପରିବେଶ ଶିକ୍ଷା' କୁ ପାଠ୍ୟକ୍ରମର ଭିତ୍ତିରୂପେ ଗ୍ରହଣ କରାଯିବା ନିମନ୍ତେ ନିମ୍ନରେ କେତେକ ମୁଖ୍ୟ ଧାରଣା ବିଷୟରେ ଏକ ତାଲିକା ଦିଆଯାଇଛି । ସେମାନଙ୍କ ମଧ୍ୟରୁ ଯେଉଁଗୁଡ଼ିକ ମାଧ୍ୟମିକ ସ୍କୁଲ ନିମନ୍ତେ ଉପଯୁକ୍ତ ବୁଝେଁ ତାହା ସୂଚାଉଥିବା ସଂଖ୍ୟା ଚାରିପଟେ ଗୋଲ ବୁଲାନ୍ତୁ । ଅଧିକା କିଛି ଆବଶ୍ୟକ ହେଲେ ମଧ୍ୟ ନିମ୍ନରେ ଲେଖନ୍ତୁ ।

1. ପରିସଂସ୍ଥା
2. ଜୀବମଣ୍ଡଳ
3. ମହାକାଶଯାନ ସଦୃଶ ପୃଥିବୀ
4. ଜନସଂଖ୍ୟା
5. ପ୍ରଦୂଷଣ
6. ପୁନଃ ବିନିଯୋଗ
7. ଅବକ୍ଷୟ (erosion)
8. କାରିଗରୀ କୌଶଳ
9. ବିଜ୍ଞାନ
10. ମୂଲ୍ୟବୋଧ
11. ପରିବେଶ ସମ୍ବନ୍ଧୀୟ ମୂଲ୍ୟବୋଧ
12. ପ୍ରାକୃତିକ ସମ୍ପଦ
13. ସଂରକ୍ଷଣ (conservation)
14. ସମସ୍ୟା ସମାଧାନ ପଦ୍ଧତି
15. ସିଦ୍ଧାନ୍ତ ଗ୍ରହଣ
16. ଊର୍ଜା (Energy)

ଆବଶ୍ୟକ ଅନ୍ୟାନ୍ୟ ମୁଖ୍ୟ ଧାରଣା / ବିଷୟ (କିଛି ଥିଲେ ଲେଖନ୍ତୁ)

13. ବର୍ତ୍ତମାନର ମାଧ୍ୟମିକ ବିଦ୍ୟାଳୟ ଏବଂ ମାଧ୍ୟମିକ ଶିକ୍ଷକଙ୍କର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ନିମନ୍ତେ ବ୍ୟବହୃତ ପାଠ୍ୟକ୍ରମରେ ପରିବେଶ ଶିକ୍ଷା ସମ୍ବନ୍ଧୀୟ ବିଷୟବସ୍ତୁ ପର୍ଯ୍ୟାପ୍ତ ବୋଲି ଆପଣ ମନେ କରନ୍ତି କି ? ଆପଣଙ୍କ ମତ ଦର୍ଶାଇବା ପାଇଁ ନିମ୍ନରେ ଦିଆଯାଇଥିବା ଉପଯୁକ୍ତ ଘରେ ଠିକ୍ ଚିହ୍ନ (✓) ଦିଅନ୍ତୁ ।

| | ମାଧ୍ୟମିକ ବିଦ୍ୟାଳୟ ସ୍ତରରେ | ମାଧ୍ୟମିକ ଶିକ୍ଷକ ପ୍ରଶିକ୍ଷଣ ସ୍ତରରେ |
|---|---|---|
| ପର୍ଯ୍ୟାପ୍ତ | | |
| ଯଥେଷ୍ଟ ନୁହେଁ | | |
| କିଛି ନାହିଁ | | |

14. ମାଧ୍ୟମିକ ସ୍ତରରେ ପରିବେଶ ଶିକ୍ଷାଦାନ କେଉଁ ମୁଖ୍ୟ ବିଷୟ ଉପରେ ଆଧାରିତ ହେବା ଉଚିତ ?

1. ସ୍ଥାନୀୟ ପରିବେଶ
2. ରାଜ୍ୟ / ଆଞ୍ଚଳିକ ପରିବେଶ
3. ଜାତୀୟ ପରିବେଶ
4. ବିଶ୍ୱ ପରିବେଶ

15. ଆପଣ ପାଇଥିବା ପ୍ରଶିକ୍ଷଣ ପରିବେଶ, ଶିକ୍ଷାଦାନରେ ଆପଣଙ୍କୁ ସାହାଯ୍ୟ କରୁଛି କି ?

—ହିଁ / ନାହିଁ / ଆଂଶିକ ଭାବେ

16. ପରିବେଶ ଶିକ୍ଷା ବିଷୟରେ ଆପଣଙ୍କର ଅଧିକ ପ୍ରଶିକ୍ଷଣ ପ୍ରୟୋଜନ କି ? ହିଁ / ନାହିଁ

17. ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ପରିବେଶ ଶିକ୍ଷା ଅନ୍ତର୍ଭୁକ୍ତ କରିବା ନିମନ୍ତେ ଏଥିରେ ପରିବର୍ତ୍ତନ ଆବଶ୍ୟକ କି ?

ହିଁ / ନାହିଁ

18. କେଉଁ ସୂତ୍ରରୁ ଆପଣ ପରିବେଶ ଶିକ୍ଷା ସମ୍ବନ୍ଧୀୟ ଜ୍ଞାନ ଆହରଣ କରିଛନ୍ତି ? ନିମ୍ନୋକ୍ତ ବକ୍ତବ୍ୟରେ ଉପଯୁକ୍ତ ସଂଖ୍ୟା ଚାରିପଟେ ଗୋଲ ବୁଲାନ୍ତୁ ।

1. ଆପଣଙ୍କ ସ୍କୁଲ ଏବଂ କଲେଜ ଶିକ୍ଷା
2. ନିଯୁକ୍ତି ପୂର୍ବ ପ୍ରଶିକ୍ଷଣ
3. ଶିକ୍ଷକତା କରୁଥିବା ସମୟରେ ପ୍ରାପ୍ତ ପ୍ରଶିକ୍ଷଣ
4. ରେଡିଓ
5. ଟେଲିଭିଜନ
6. ସମ୍ବାଦ ପତ୍ର
7. ପତ୍ର ପତ୍ରିକା
8. ପରିବେଶ ଶିକ୍ଷା ସମ୍ବନ୍ଧୀୟ କର୍ମଶାଳାରେ ଯୋଗଦାନ
9. ଶିକ୍ଷାଦାନ ଅଭିଜ୍ଞତା
10. ସାମାଜିକ ସମ୍ପର୍କ
11. ଅନ୍ୟ କିଛି ଥିଲେ ନିମ୍ନରେ ଲେଖନ୍ତୁ.......................................................

19. ପରିବେଶ ଶିକ୍ଷା ନିମନ୍ତେ କ୍ଷେତ୍ର ପରିଦର୍ଶନ (field trip) ଓ ବିଦ୍ୟାଳୟ ସହ ସମ୍ପୃକ୍ତ ଗୋଷ୍ଠୀ ସହଯୋଗରେ ବିଭିନ୍ନ ପରିବେଶ ସମସ୍ୟାର ସମାଧାନ କରିବାକୁ ହେବ । ଏହି ନିମନ୍ତେ ପ୍ରଚଳିତ ବିଦ୍ୟାଳୟ କାର୍ଯ୍ୟକ୍ରମ / କାର୍ଯ୍ୟନିର୍ଘଣ୍ଟରେ ଯଥେଷ୍ଟ ଅବସର (flexibility) ରହିଛି କି ?

(କ) କ୍ଷେତ୍ର ପରିଦର୍ଶନ ନିମନ୍ତେ ହଁ / ନାହିଁ

(ଖ) ଗୋଷ୍ଠୀ ସହଯୋଗରେ କାର୍ଯ୍ୟ ହଁ / ନାହିଁ

20. ଉପରୋକ୍ତ କାର୍ଯ୍ୟଗୁଡ଼ିକ ନିମନ୍ତେ ସ୍କୁଲ କାର୍ଯ୍ୟକ୍ରମ ଓ ରୁଟିନ୍‌ରେ ପରିବର୍ତ୍ତନ ଆବଶ୍ୟକ କି ?

ହଁ / ନାହିଁ

21. ପରିବେଶ ଶିକ୍ଷାରେ ପ୍ରଧାନ ପ୍ରତିବନ୍ଧକ କ'ଣ ରହିଛି ? (ଆବଶ୍ୟକ ହେଲେ ଏକାଧିକ ଜାଗାରେ ଗୋଲ ବୁଲାଇ ପାରନ୍ତି )

1. ଶିକ୍ଷକମାନଙ୍କ ପ୍ରଶିକ୍ଷଣରେ ତ୍ରୁଟି ରହିଅଛି ।
2. ଜନସାଧାରଣ ପରିବେଶ ସମସ୍ୟାପ୍ରତି ସଚେତନ ନାହାନ୍ତି ।
3. ଅନମନୀୟ ବିଦ୍ୟାଳୟ କାର୍ଯ୍ୟ ଖସଡ଼ା / କାର୍ଯ୍ୟ ନିର୍ଘଣ୍ଟ ।
4. ସ୍କୁଲରେ ପ୍ରଚଳନ ପାଇଁ ଉପଯୁକ୍ତ ଶିକ୍ଷଣ ସାମଗ୍ରୀର ଅଭାବ ।
5. ପରିବେଶ ଶିକ୍ଷା ସହିତ ଜଡ଼ିତ ଆଭିମୁଖ୍ୟ, ମୂଲ୍ୟବୋଧ ଓ ପ୍ରତ୍ୟୟରେ ପରିବର୍ତ୍ତନର ପରିମାପ ସହଜ ନୁହେଁ ।
6. ଅନ୍ୟ କିଛି ଥିଲେ ନିମ୍ନରେ ଦର୍ଶାନ୍ତୁ ।

**CENTRE OF ADVANCED STUDY IN EDUCATION**
**Faculty of Education and Psychology**
**M. S. University of Baroda**
**BARODA-390002, GUJARAT**

# ENVIRONMENTAL KNOWLEDGE INVENTORY

# ପରିବେଶ ସମ୍ବନ୍ଧୀୟ ଜ୍ଞାନ ପ୍ରଶ୍ନପତ୍ର

## ଦ୍ୱିତୀୟ ଭାଗ

**ନିର୍ଦ୍ଦେଶାବଳୀ :**

ଏହି ବିଭାଗରେ ଦିଆଯାଇଥିବା ପ୍ରତ୍ୟେକ ପ୍ରଶ୍ନର ଚାରିଗୋଟି ବିକଳ୍ପ ଉତ୍ତର 1, 2, 3, 4, ଅଙ୍କ ସହ ତଳେ ଦିଆଯାଇଛି । ଏହି ଉତ୍ତରମାନଙ୍କ ମଧ୍ୟରୁ ଯେଉଁଟି ସର୍ବୋତ୍ତମ, ସେହିଟିକୁ ବାଛି, ଉକ୍ତ ଉତ୍ତର ସୂଚାଉଥିବା ସଂଖ୍ୟା (1, 2, 3, 4) ଚାରିପଟେ ଗୋଲ (O) ବୁଲାନ୍ତୁ । ସମସ୍ତ ପ୍ରଶ୍ନର ଉତ୍ତର ଦିଅନ୍ତୁ ।

1. ପୃଥିବୀରେ ବର୍ତ୍ତମାନ ଦେଖାଯାଇଥିବା ପରିବେଶ ସମସ୍ୟାଗୁଡ଼ିକର (Environmental Problems) କାରଣ ହେଉଛି —

   1. ଦ୍ରୁତ ହାରରେ ଜନସଂଖ୍ୟା ବୃଦ୍ଧି
   2. ଲୋକଙ୍କର ଜୀବନଧାରଣ ଶୈଳୀରେ ପରିବର୍ତ୍ତନ
   3. ଲୋକଙ୍କର ଅଜ୍ଞତା ଏବଂ ଦାରିଦ୍ର୍ୟ
   4. ଉପରୋକ୍ତ ସମସ୍ତ

2. 1987 ମସିହା ଜୁଲାଇ ମଧ୍ୟଭାଗ ସୁଦ୍ଧା ପୃଥିବୀର ଲୋକସଂଖ୍ୟା କେତେ ଟପିଗଲା ?

   1. 400 କୋଟି
   2. 450 କୋଟି
   3. 500 କୋଟି
   4. 550 କୋଟି

ଆମ ଦେଶର ଲୋକମାନେ ଭୋଗୁଥିବା ରୋଗଗୁଡ଼ିକ ମଧ୍ୟରୁ ଶତକଡ଼ା ପ୍ରାୟ କେତେ ଭାଗ କେବଳ ପ୍ରଦୂଷିତ ଜଳ ଯୋଗୁ ହୋଇଥାଏ ?

   1. 20
   2. 40
   3. 60
   4. 80

4. ଡି. ଡି. ଟି. କୁ ଥରେ ବ୍ୟବହାର କଲେ ଏହାର ବିଷକ୍ରିୟା ସାଧାରଣତଃ କେତେ ସମୟ ପାଇଁ ରହେ ?
   1. ପ୍ରାୟ ଅଳ୍ପ କେତେକ ସପ୍ତାହ
   2. ପ୍ରାୟ ଏକ ବର୍ଷ
   3. ପ୍ରାୟ ଅନେକ ବର୍ଷ
   4. ସବୁଦିନ

5. ଓଡ଼ିଶାର ଏକମାତ୍ର 'ଜାତୀୟ ଉଦ୍ୟାନ' କେଉଁଠାରେ ଅବସ୍ଥିତ ?
   1. ନନ୍ଦନ କାନନ
   2. କପିଳାସ
   3. ଚିଲିକା
   4. ଶିମିଳିପାଳ

6. ନିମ୍ନଲିଖିତ କାରଣମାନଙ୍କ ମଧ୍ୟରୁ କେଉଁଟି ପ୍ରଦୂଷଣ ନିମନ୍ତେ ଦାୟୀ ନୁହେଁ ?
   1. କଳକାରଖାନାରୁ ନିର୍ଗତ ବିଷାକ୍ତ ପଦାର୍ଥ ।
   2. ସହରର ନାଳ ଓ ନର୍ଦ୍ଦମାରୁ ନିର୍ଗତ ଆବର୍ଜନା ।
   3. ଶସ୍ୟ କ୍ଷେତ୍ରରୁ ଉଦ୍‌ବୃତ୍ତ ରାସାୟନିକ ସାର ଓ କୀଟନାଶକ ପଦାର୍ଥ ।
   4. ଜଳସେଚନ ନିମନ୍ତେ ଉଦ୍ଦିଷ୍ଟ କେନାଲ୍, ନାଳ ଇତ୍ୟାଦି ।

7. ବାୟୁମଣ୍ଡଳରେ ଥିବା ଓଜନସ୍ତର କୌଣସି କାରଣରୁ ପତଳା ହେଲେ ବା ଧ୍ୱଂସ ପାଇଲେ ନିମ୍ନଲିଖିତ ରୋଗମାନଙ୍କ ମଧ୍ୟରୁ କେଉଁଟି ବୃଦ୍ଧି ପାଇବାର ସମ୍ଭାବନା ରହିଛି ?
   1. ଚର୍ମ କର୍କଟ ରୋଗ
   2. କୁଷ୍ଠ ରୋଗ
   3. ଯକ୍ଷ୍ମା ରୋଗ
   4. ହୃତ୍ ରୋଗ

8. ନିମ୍ନଲିଖିତ କେଉଁ ତଥ୍ୟକୁ ଭିତ୍ତିକରି ନଦୀ / ପୁଷ୍କରିଣୀରେ ଜଳ କେତେ ପରିମାଣରେ ପ୍ରଦୂଷିତ ହୋଇଛି ଜାଣି ହେବ ?
   1. ଏଥିରେ ଥିବା ଅଣୁଜୀବଙ୍କ ସଂଖ୍ୟା
   2. ଏଥିରେ ଦ୍ରବୀଭୂତ ଅମ୍ଳଜାନର ପରିମାଣ
   3. ଏଥିରେ ଥିବା ଅମ୍ଳ / କ୍ଷାରୀୟ ପରିମାଣ
   4. ଏଥିରେ ଥିବା ଦ୍ରବୀଭୂତ ଖଣିଜ ପଦାର୍ଥ

9. କଳକାରଖାନାରୁ ନିର୍ଗତ କଠିନ ବର୍ଜ୍ୟବସ୍ତୁର (Solid industrial waste) ଉପଯୁକ୍ତ ବିନିଯୋଗ ହେଉଛି, ଏଗୁଡ଼ିକୁ
   1. ପୋଡ଼ିଦେବା
   2. ମାଟିଭିତରେ ପୋତିଦେବା
   3. ନେଇ ଖାଲୁଆ ଜାଗା ପୂର୍ତ୍ତି କରିବା
   4. ପୁନଃ ବିନିଯୋଗ (recycling) କରିବା

10. ପୃଥିବୀରେ ଭବିଷ୍ୟତରେ କେଉଁ ଉତ୍ସରୁ ଶକ୍ତି ମୁଖ୍ୟତଃ ମିଳିବ ବୋଲି ଆଶା କରାଯାଏ ?

1. ପରମାଣୁ  2. ସୂର୍ଯ୍ୟ
3. ବାୟୁ  4. ଜୁଆର

11. ଓଡ଼ିଶାର ବାଲିଆପାଳରେ ଚାଲିଥିବା କ୍ଷେପଣାସ୍ତ୍ର ଘାଟି ବିରୋଧୀ ଆନ୍ଦୋଳନ ମୁଖ୍ୟତଃ କାହା ବିରୁଦ୍ଧରେ ଉଦ୍ଦିଷ୍ଟ ?

1. ଉତ୍ପାଦିକା ଜମିର ଅସଦ୍‌ବ୍ୟବହାର
2. ଶାନ୍ତିପୂର୍ଣ୍ଣ ଗ୍ରାମାଞ୍ଚଳକୁ ସାମରିକ ଅଞ୍ଚଳରେ ପରିଣତ କରିବାର ପ୍ରୟାସ
3. ରାଜ୍ୟବ୍ୟାପାରରେ କେନ୍ଦ୍ରର ହସ୍ତକ୍ଷେପ
4. ଆଣବିକ କାର୍ଯ୍ୟକ୍ରମ

12. "ଜାତୀୟ ବନନୀତି" ଅନୁଯାୟୀ ସମତଳ ଅଞ୍ଚଳରେ ସମୁଦାୟ ସ୍ଥଳଭାଗର ପ୍ରାୟ ଶତକଡ଼ା କେତେ ଅଂଶ ଜଙ୍ଗଲ ରହିବା ଆବଶ୍ୟକ ?

1. 22  2. 33
3. 44  4. 55

13. ସ୍ୱାଧୀନତା ପାଇବାର ସମୟ ତୁଳନାରେ ବର୍ତ୍ତମାନର ବାୟୁ ପ୍ରଦୂଷଣର ମାତ୍ରା ଅଧିକ ହେବାର କାରଣ ହେଉଛି—

1. କଳକାରଖାନାର ସଂଖ୍ୟାବୃଦ୍ଧି
2. ବହୁ ପରିମାଣରେ ଜଙ୍ଗଲ ଧ୍ୱଂସ
3. କୋଇଲା ଓ ପେଟ୍ରୋଲ୍‌ର ଅଧିକ ଘରୋଇ ବ୍ୟବହାର
4. ଉପର୍ଯ୍ୟୁକ୍ତ ସମସ୍ତ କାରଣ

14. ଅପଘଟକ ଜୀବମାନେ (Decomposers) ଆମର ଅତ୍ୟନ୍ତ ଉପକାରୀ, କାରଣ ସେମାନେ—

1. ବସ୍ତୁରେ ଥିବା ମୌଳିକ ପଦାର୍ଥକୁ ମୁକ୍ତ କରନ୍ତି ।
2. ଆଲୋକ ସଂଶ୍ଳେଷଣରେ ସାହାଯ୍ୟ କରନ୍ତି ।
3. ବାୟୁ ପରିଷ୍କାର ରଖନ୍ତି ।
4. ବର୍ଷା ହେବାରେ ସାହାଯ୍ୟ କରନ୍ତି ।

15. ନିମ୍ନଲିଖିତ କେଉଁ ପଦାର୍ଥଟିର ପୁନଃ ଉତ୍ପାଦନ (renewal) ସମ୍ଭବ ନୁହେଁ ?

1. ଜଳ ।
2. ଖଣିଜ ପଦାର୍ଥ ।
3. ବୃକ୍ଷ ଲତା ।
4. ଜୀବଜନ୍ତୁ ।

16. 1981 ଜନଗଣନା ଅନୁଯାୟୀ ଓଡ଼ିଶାର ଜନସଂଖ୍ୟା ବୃଦ୍ଧିର ହାର,

1. ଜାତୀୟ ଜନସଂଖ୍ୟା ବୃଦ୍ଧିର ହାର ଅପେକ୍ଷା ଅଧିକ ।
2. ଜାତୀୟ ଜନସଂଖ୍ୟା ବୃଦ୍ଧିର ହାର ସହ ସମାନ ।
3. ଜାତୀୟ ଜନସଂଖ୍ୟା ବୃଦ୍ଧିର ହାରଠାରୁ କମ୍ ।
4. ପ୍ରାୟ ଶୂନ୍ୟର ପାଖାପାଖି ।

17. କୌଣସି ହ୍ରଦରେ ଆକସ୍ମିକ ତେଲ ଓ ଶୈବାଳ ବୃଦ୍ଧିରୁ ନିମ୍ନୋକ୍ତ କେଉଁ ବିଷୟଟି ସୂଚିତ ହେବ ?

1. ହ୍ରଦଟି ଜଳଜ ଉଦ୍ଭିଦ ଓ ପ୍ରାଣୀଙ୍କର ବାସୋପଯୋଗୀ ହେବ ନାହିଁ ।
2. ହ୍ରଦରେ ଥିବା ଅଣୁଜୀବଗୁଡ଼ିକର ଶୀଘ୍ର ମୃତ୍ୟୁ ଘଟିବ ।
3. ହ୍ରଦଟିରେ ଥିବା ମାଛଗୁଡ଼ିକ ଖାଦ୍ୟ ଉପଯୋଗୀ ନୁହେଁ ।
4. ଉପରୋକ୍ତ କୌଣସି ବିଷୟଟି ସତ୍ୟ ନୁହେଁ ।

18. 1984 ମସିହାରେ ଭୋପାଳର ହଜାର ହଜାର ସଂଖ୍ୟାରେ ଲୋକ ମରିବାର କାରଣ ଥିଲା—

1. ବିଷାକ୍ତ ମଦ୍ୟ ପାନ ।
2. ଆକସ୍ମିକ ବନ୍ୟା ।
3. ବିଷାକ୍ତ ଗ୍ୟାସ ପ୍ରବାହ ।
4. ଶିଳ୍ପାଞ୍ଚଳରେ ଅଗ୍ନିକାଣ୍ଡ ।

19. ନିମ୍ନୋକ୍ତ କାହାଦ୍ୱାରା କୌଣସି ପଦାର୍ଥ ତାହାର ମୌଳିକ ଉପାଦାନରେ ପରିଣତ ହେଲେ ପଦାର୍ଥଟିର "ଜୀବ-ଅବକ୍ଷୟ" (bio-degradation) ଘଟିଲା ବୋଲି କୁହାଯିବ ?

1. ରାସାୟନିକ ପଦାର୍ଥ
2. ଜଳ
3. କବକ (Bacteria)
4. ପବନ

20. ଆମ ଦେଶରେ ଖଣିଜ ତୈଳରୁ ଉତ୍ପାଦିତ ଶକ୍ତିର ଚାହିଦା ମେଣ୍ଟାଇବା ନିମନ୍ତେ—

1. ସମ୍ପୂର୍ଣ୍ଣ ରୂପେ ବିଦେଶରୁ ଏହା ଆମଦାନୀ କରାଯାଉଛି ।
2. ସମ୍ପୂର୍ଣ୍ଣ ରୂପେ ଦେଶରେ ଉତ୍ପାଦିତ ହେଉଛି ।
3. ଆଂଶିକ ଭାବରେ ବାହାରୁ ଆମଦାନୀ ଏବଂ ଆଂଶିକ ଭାବରେ ଦେଶରେ ଉତ୍ପାଦିତ ହେଉଛି ।
4. ସମ୍ପୂର୍ଣ୍ଣ ରୂପେ କୋଇଲାକୁ ପେଟ୍ରୋଲରେ ପରିଣତ କରାଯାଉଛି ।

21. 'ଜାତୀୟ ରିମୋଟ୍ ସେନସିଂ ସଂସ୍ଥା' (National Remote Sensing Agency) ଦ୍ୱାରା ପ୍ରକାଶିତ ରିପୋର୍ଟ ଅନୁଯାୟୀ ଦେଶର ସମୁଦାୟ ସ୍ଥଳଭାଗର ପ୍ରାୟ ଶତକଡ଼ା କେତେ ଅଂଶ ଜଙ୍ଗଲଦ୍ୱାରା ଆଚ୍ଛାଦିତ ?

1. 5
2. 10
3. 20
4. 40

22. "ଲାଲପୁସ୍ତକ" (Red Data Book)ର ବିଷୟବସ୍ତୁ କ'ଣ ?

1. ବିଲୁପ୍ତ ଅବସ୍ଥାରେ ପହଞ୍ଚିଥିବା ଉଦ୍ଭିଦ ଓ ପ୍ରାଣୀମାନଙ୍କର ନାମ ତାଲିକା ।
2. ଆଣବିକ ଶକ୍ତି ଉତ୍ପାଦନ କେନ୍ଦ୍ରମାନଙ୍କର ନାମ ତାଲିକା
3. କୁଖ୍ୟାତ ଆତଙ୍କବାଦୀମାନଙ୍କର ନାମ ତାଲିକା
4. ବିଷାକ୍ତ ଉଦ୍ଭିଦ ଓ ପ୍ରାଣୀମାନଙ୍କର ନାମ ତାଲିକା

23. ଭୂମିର ଗୁଣ, ଜଳବାୟୁ, ଭୂତଳର ଉଚ୍ଚନୀଚ ଅବସ୍ଥା ଇତ୍ୟାଦି ପ୍ରତି ଦୃଷ୍ଟି ଦେଇ ବିବିଧ ସ୍ୱଳ୍ପକାଳୀନ ଓ ଦୀର୍ଘକାଳୀନ ପ୍ରୟୋଗ ପାଇଁ କରାଯାଉଥିବା ଆନୁପାତିକ ଭୂବଣ୍ଟନକୁ କ'ଣ କୁହାଯାଏ ?

1. ଭୂମିର ବିନିଯୋଗ (Land use)
2. ମୃତ୍ତିକା ସଂରକ୍ଷଣ (Soil conservation)
3. ଭୂମିର ପୁନରୁଦ୍ଧାର (Land reclamation)
4. ଚକବନ୍ଦୀ (Land consolidation)

24. ମିଳିତ ଜାତିସଙ୍ଘ ସୂତ୍ରରୁ ପ୍ରକାଶିତ ଜନସଂଖ୍ୟା ବୃଦ୍ଧି କଳନା ଅନୁଯାୟୀ, ଏକବିଂଶ ଶତାବ୍ଦୀରେ ପୃଥିବୀର ସବୁଠାରୁ ଜନବହୁଳ ରାଷ୍ଟ୍ର ହେବାର ସମ୍ଭାବନା ରହିଥିବା ଦେଶ ହେଉଛି,

1. ଭାରତ
2. ଚୀନ
3. ଯୁକ୍ତରାଷ୍ଟ୍ର ଆମେରିକା
4. ସୋଭିଏତ୍ ରୁଷ

25. କୋଇଲା ଏବଂ ପେଟ୍ରୋଲିୟମର ବ୍ୟବହାର ହେତୁ ପୃଥିବୀର ବାୟୁମଣ୍ଡଳରେ ଅଙ୍ଗାରାମ୍ଳଜାନର ପରିମାଣ—

1. କମିଆସୁଛି, ଏବଂ ଏହାଦ୍ୱାରା ପରିବେଶରେ ସାଂଘାତିକ ଅବସ୍ଥା ସୃଷ୍ଟି ହେବ ।
2. କମିଆସୁଛି, କିନ୍ତୁ ଏହାର ପରିବେଶ ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ ।
3. ବଢ଼ୁଛି, କିନ୍ତୁ ଏହାର ପରିବେଶ ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ ।
4. ବଢ଼ୁଛି, ଏବଂ ଏହାଦ୍ୱାରା ପରିବେଶ ସାଂଘାତିକ ଭାବରେ ପ୍ରଭାବିତ ହେବାର ସମ୍ଭାବନା ରହିଛି ।

26. ବର୍ତ୍ତମାନ ତାଜମହଲର ସଂରକ୍ଷଣ ପ୍ରତି ସବୁଠାରୁ ବଡ଼ ବିପଦ ହେଲା

1. ମଥୁରା ତୈଳଶୋଧନାଗାର ।
2. ଆଗ୍ରାସହରର ଅତ୍ୟୁଷ୍ମ ଗ୍ରୀଷ୍ମଋତୁ ତାପ ।
3. ଆଗ୍ରାର ଢଳେଇ କାରଖାନା ଏବଂ ରେଳବାଇ ୟାର୍ଡ଼ ।
4. ଯମୁନା ନଦୀ କୂଳରେ ଅସଂଖ୍ୟ ଇଟାଭାଟି ।

27. କେଉଁ ଉପାୟଦ୍ୱାରା ପୋକମାନଙ୍କୁ ଅତି ଭଲ ଭାବରେ ନିୟନ୍ତ୍ରଣ କରାଯାଇ ପାରିବ ?

1. ଆକାଶମାର୍ଗରୁ କୀଟନାଶକ ଔଷଧ ସିଞ୍ଚନ ।
2. ରାସାୟନିକ କୀଟନାଶକ ଔଷଧ ପ୍ରୟୋଗ ।
3. କୀଟର ପ୍ରାକୃତିକ ଶତ୍ରୁ ବ୍ୟବହାର କରି ଜୈବିକ ନିୟନ୍ତ୍ରଣ ।
4. ଉଭୟ ରାସାୟନିକ ଏବଂ ଜୈବିକ ନିୟନ୍ତ୍ରଣ ।

28. ନିମ୍ନଲିଖିତ କେଉଁ ଉପାୟରେ ସମୁଦ୍ରରୁ ଭବିଷ୍ୟତରେ ଖଣିଜ ପଦାର୍ଥ ଆହରଣ ମେଣ୍ଟାଇବା ସମ୍ଭବ ?

1. ସମୁଦ୍ର ଶଯ୍ୟାରେ ଥିବା ଖଣିଜ ପିଣ୍ଡ ସଂଗ୍ରହ ।
2. ସମୁଦ୍ର ଜଳରେ ଦ୍ରବୀଭୂତ ଖଣିଜ ପଦାର୍ଥର ଆହରଣ ।
3. ସମୁଦ୍ରରେ ବୁଡ଼ିଯାଇଥିବା ଜାହାଜଗୁଡ଼ିକର ଧ୍ୱଂସାବଶେଷ ସଂଗ୍ରହ ।
4. ସମୁଦ୍ରରେ ବୁଡ଼ିରହିଥିବା ଆଗ୍ନେୟଗିରି ଅଭ୍ୟନ୍ତରରୁ ଖଣିଜପଦାର୍ଥର ଉଦ୍ଧାର ।

29. "ସବୁଜ ବଳୟ" (Green Belt) କହିଲେ କ'ଣ ବୁଝାଏ ?

1. ସାମରିକ ବାହିନୀ ଛଦ୍ମବେଶପାଇଁ ବ୍ୟବହାର କରୁଥିବା ସବୁଜ କମର ପଟି ।
2. ପାର୍କରେ ଥିବା ସବୁଜ ଘାସର ଏକ ସରୁ ଗୋଲାକାର ପଟି ।
3. ବାୟୁ ପ୍ରଦୂଷଣରୁ ସହରକୁ ମୁକ୍ତ ରଖିବାପାଇଁ ସହରର ଚାରିପଟେ ଲଗାଯାଇଥିବା ବୃକ୍ଷ ସମୂହ ।
4. ବିଷୁବ ମଣ୍ଡଳର ଘନ ଜଙ୍ଗଲ ପରିବେଷ୍ଟିତ ବନଭୂମି ।

30 କେଉଁ ବିଶିଷ୍ଟ ପ୍ରାଣୀ ରହିଥିବା ହେତୁ ଭିତର କନିକା ଅଭୟାରଣ୍ୟ ଆମ ଦେଶରେ ଅଦ୍ୱିତୀୟ ?

1. ଧଳା ଭାଲୁ
2. ଧଳା କୁମ୍ଭୀର
3. ଧଳା କଇଁଛ
4. ଧଳା ବାଘ

31. ଆମ ଦେଶରେ ସୌରଶକ୍ତିର ବହୁଳ ବ୍ୟବହାର ପାଇଁ ପ୍ରଧାନ ପ୍ରତିବନ୍ଧକ ହେଉଛି

1. ସୌରଶକ୍ତିର ସଂଗ୍ରହ, ସଂରକ୍ଷଣ ଏବଂ ସରବରାହର ବହୁଳବ୍ୟୟ ।
2. ପ୍ରଚଳିତ ପଦ୍ଧତିକୁ ବଦଳାଇ ସୌରଶକ୍ତିର ବ୍ୟବହାର ଦିଗରେ ଜନସାଧାରଣଙ୍କ ଅନିଚ୍ଛା ।
3. ବର୍ଷର ସବୁ ସମୟରେ ପ୍ରଖର ସୌର ରଶ୍ମିର ଅଭାବ ।
4. ସୌର ଶକ୍ତି ସ୍ୱାସ୍ଥ୍ୟ ନିମନ୍ତେ କ୍ଷତିକାରକ ।

32. ଆମ ଦେଶରେ ଜନସଂଖ୍ୟା ଅଧିକ ପରିମାଣରେ ବୃଦ୍ଧି ପାଇବାର କାରଣ ହେଲା—

1. ସ୍ୱାଧୀନତା ପରେ କୌଣସି ବଡ଼ ଧରଣର ଦୁର୍ଭିକ୍ଷ ପଡ଼ି ନାହିଁ ।
2. ଉନ୍ନତ ଧରଣର ଚିକିତ୍ସା ଯୋଗୁଁ ମୃତ୍ୟୁହାର ବିଶେଷ ଭାବରେ କମିଯାଇଛି ।
3. ଖୁବ୍ କମ୍ ଲୋକ ବିଦେଶରେ ବସବାସ କରିବାକୁ ଯାଉଛନ୍ତି ।
4. ସରକାରଙ୍କ ପରିବାର କଲ୍ୟାଣ କାର୍ଯ୍ୟକ୍ରମ ସଂପୂର୍ଣ୍ଣରୂପେ ବିଫଳ ହୋଇଛି ।

33. ଜନସଂଖ୍ୟା ବୃଦ୍ଧି ନିୟନ୍ତ୍ରିତ ରଖିବା ପାଇଁ ସରକାରଙ୍କୁ—

1. ଜନସାଧାରଣଙ୍କୁ ଶିକ୍ଷିତ କରାଇବାକୁ ପଡ଼ିବ ।
2. ଶିଶୁ ମୃତ୍ୟୁହାର କମାଇବାକୁ ହେବ ।
3. ଜନସାଧାରଣଙ୍କ ପାଇଁ ସାମାଜିକ ସୁରକ୍ଷା ବ୍ୟବସ୍ଥା କରିବାକୁ ହେବ ।
4. ଉପରୋକ୍ତ ସମସ୍ତ ବିଷୟ ପ୍ରତି ଦୃଷ୍ଟି ଦେବାକୁ ପଡ଼ିବ ।

34. ସ୍ମଗ (Smog) ଶବ୍ଦଟି ନିମ୍ନୋକ୍ତ ବିଷୟମାନଙ୍କ ମଧ୍ୟରୁ କାହା ସହ ସମ୍ପୃକ୍ତ ?

1. ଜଳ ପ୍ରଦୂଷଣ
2. ବାୟୁ ପ୍ରଦୂଷଣ
3. ଶବ୍ଦ ପ୍ରଦୂଷଣ
4. ମୃତ୍ତିକା ପ୍ରଦୂଷଣ

35. ଆଣବିକ ଶକ୍ତି ଉତ୍ପାଦନ କେନ୍ଦ୍ର ଗୁଡ଼ିକରେ ନିମ୍ନଲିଖିତ ସମସ୍ୟାମାନଙ୍କ ମଧ୍ୟରୁ କେଉଁଟି ଦେଖାଦିଏ ନାହିଁ ?

1. ଉତ୍ତାପ ପ୍ରଦୂଷଣ ।
2. ତେଜସ୍କ୍ରିୟତା ପ୍ରଦୂଷଣ ।
3. ଧୂମ ପ୍ରଦୂଷଣ ।
4. ବର୍ଜ୍ୟ ବସ୍ତୁର ବିନିଯୋଗ (Waste disposal)

36. ନିମ୍ନଲିଖିତ ଚାଷ ପ୍ରଣାଳୀମାନଙ୍କ ମଧ୍ୟରୁ କାହାଦ୍ୱାରା ମୃତ୍ତିକାର ପୁଷ୍ଟି (Soil nutrients) ସର୍ବୋତ୍କୃଷ୍ଟ ଭାବରେ ସଂରକ୍ଷିତ ରହେ ?

1. ବର୍ଷାନୁକ୍ରମିକ ଏକ ପ୍ରକାର ଫସଲ ଚାଷ (Monoculture)
2. ପର୍ଯ୍ୟାୟକ୍ରମିକ ଚାଷ (Crop rotation)
3. ପୋଡ଼ୁ ଚାଷ (Shifting cultivation)
4. ସଘନ ଚାଷ (Intensive cultivation)

37. ବିଷୁବ ମଣ୍ଡଳୀୟ ଚିରହରିତ୍ ଅରଣ୍ୟ (Tropical rain forest)ର ସଂରକ୍ଷଣ ଆମ ନିମନ୍ତେ ନିହାତି ଦରକାର । କାରଣ—

1. ଅଧିକାଂଶ ଏ ପ୍ରକାରର ଅରଣ୍ୟ ଆମ ଦେଶରେ ରହିଛି ।
2. ଏ ପ୍ରକାର ଅରଣ୍ୟରେ ବିଶ୍ୱର ପ୍ରାୟ ଅର୍ଦ୍ଧେକ ଜୀବଜନ୍ତୁ ଏବଂ ଉଦ୍ଭିଦ ଅଛନ୍ତି ।
3. ଏ ପ୍ରକାର ଅରଣ୍ୟରେ ଆଦିବାସୀମାନେ ବହୁ ସଂଖ୍ୟାରେ ରହନ୍ତି ।
4. ଏ ପ୍ରକାର ଅରଣ୍ୟରୁ ହିଁ ମନୁଷ୍ୟ ପ୍ରଥମେ ସୃଷ୍ଟି ହୋଇଥିଲା ।

38. ସଲିମ ଅଲ୍ଲୀ ତାଙ୍କର କେଉଁ ଦାନ ନିମନ୍ତେ ବିଖ୍ୟାତ ?

1. ୟୁନାନୀ ଔଷଧ ପ୍ରଣାଳୀ
2. ଭଲୁଙ୍କ ଅଧ୍ୟୟନ
3. ମୁସଲମାନ ସଂସ୍କୃତି
4. ଜାତୀୟ ସଂହତି

39. ସୁନ୍ଦରଲାଲ ବହୁଗୁଣା କାହା ସହିତ ସମ୍ପୃକ୍ତ ?

1. ଭାରତୀୟ ନୃତ୍ୟ ଓ ସଙ୍ଗୀତ
2. ଚିପ୍‌କୋ ଆନ୍ଦୋଳନ
3. ଆପ୍‌କୋ ଆନ୍ଦୋଳନ
4. ନିଶାଗ୍ରସ୍ତ ଯୁବକମାନଙ୍କର ଚିକିତ୍ସା

40. କେଉଁ କାରଣରୁ ଜାପାନର ମିନାମାଟା ଦୁର୍ଘଟଣା ଘଟିଥିଲା ?

1. ପାରଦଯୁକ୍ତ ମାଛ ଖାଇବା ଯୋଗୁ
2. କ୍ଲୋରିନ୍‌ଯୁକ୍ତ ମାଛ ଖାଇବା ଯୋଗୁ
3. ବିଷାକ୍ତ ମାଂସ ଖାଇବା ଯୋଗୁ
4. ଧାନବିଲରୁ ଧରାଯାଇଥିବା ବିଷାକ୍ତ କଙ୍କଡ଼ା ଖାଇବା ଯୋଗୁ

41. ସବୁଜ ଗୃହ ପ୍ରଭାବ (Green house effect)

1. ପୃଥିବୀର ତାପକ୍ରମ ବୃଦ୍ଧି ପାଏ ।
2. ପୃଥିବୀର ତାପକ୍ରମ କମେ ।
3. ପୃଥିବୀର ତାପକ୍ରମ ସ୍ଥିର ରହେ
4. ପୃଥିବୀର ତାପକ୍ରମ ପ୍ରଭାବିତ ହୁଏ ନାହିଁ ।

42. ନିକଟ ଅତୀତରେ ପୃଥିବୀର କେଉଁ ଆଣବିକ ଶକ୍ତି କେନ୍ଦ୍ରରେ ଦୁର୍ଘଟଣା ଘଟି ଅନେକ ଦେଶକୁ ତେଜଷ୍କ୍ରିୟତା ବିକୀରିତ ହୋଇଥିଲା ?

1. ଚେରନୋବିଲ୍
2. ମିଲାନ୍
3. ଥ୍ରୀ ମାଇଲ୍ସ ଆଇଲ୍ୟାଣ୍ଡ
4. ଭୋପାଳ

43. ପଶ୍ଚିମ ଓଡ଼ିଶାର ଗନ୍ଧମାର୍ଦ୍ଦନ ପର୍ବତରେ ସାଂଘାତିକ ପରିସଂସ୍ଥୀୟ ଅସନ୍ତୁଳନ (Ecodisruption) ସମସ୍ୟା ସୃଷ୍ଟି କରିବାର ସମ୍ଭାବନା ଥିବା ପ୍ରକଳ୍ପର ନାମ ହେଲା,

1. ନାଲ୍କୋ (NALCO)
2. ବାଲ୍କୋ (BALCO)
3. ଟେଲ୍କୋ (TELCO)
4. ଟିସ୍କୋ (TISCO)

44 ନିମ୍ନଲିଖିତ କାରଣମାନଙ୍କ ମଧ୍ୟରୁ ମୁଖ୍ୟତଃ କେଉଁଟି ଯୋଗୁ ଜୀବଜନ୍ତୁ ଲୁପ୍ତ ହୁଅନ୍ତି ?

1. ଜଙ୍ଗଲ ନଷ୍ଟ ଯୋଗୁ ବାସସ୍ଥଳୀ ଧ୍ୱଂସ,
2. ବାସସ୍ଥଳୀରେ ପ୍ରଦୂଷଣ
3. ଶିକାର
4. ଜଳବାୟୁରେ ପରିବର୍ତ୍ତନ

45. ଚଳିତ ଶତାବ୍ଦୀର ଶେଷରେ ଭାରତର ଜନସଂଖ୍ୟା ପ୍ରାୟ କେତେ କୋଟି ହେବ ?

1. 70 କୋଟି
2. 80 କୋଟି
3. 100 କୋଟି
4. 120 କୋଟି

46. ଭାରତରେ ନଦୀଗୁଡ଼ିକୁ ପ୍ରଦୂଷଣ ମୁକ୍ତ ରଖିବା ପ୍ରଚେଷ୍ଟା ପ୍ରଥମେ କେଉଁ ନଦୀରେ ଆରମ୍ଭ ହୋଇଥିଲା ?

1. ନର୍ମଦା
2. ଯମୁନା
3. ଗଙ୍ଗା
4. ବ୍ରହ୍ମପୁତ୍ର

47. କେରଳର ନିସ୍ତବ୍ଧ ଉପତ୍ୟକା ପ୍ରକଳ୍ପ (Silent Valley Project) ବନ୍ଦ ରଖାଯିବାର କାରଣ ହେଲା

1. ଏହା ପରିସଂସ୍ଥୀୟ ସନ୍ତୁଳନର ପରିପନ୍ଥୀ ଥିଲା ।
2. ଏହାଦ୍ୱାରା ସାଂଘାତିକ ବାୟୁ ପ୍ରଦୂଷଣ ସୃଷ୍ଟି ହୋଇଥାନ୍ତା ।
3. କେରଳରେ ଶକ୍ତିର ଆଧିକ୍ୟ ରହିଥିଲା ।
4. ଏହି ପ୍ରକଳ୍ପର ବେକାରି ଦୂରୀକରଣ ସମ୍ଭାବନା କମ୍ ଥିଲା ।

48. "ଚିପ୍‌କୋ ଆନ୍ଦୋଳନ" କାହା ବିରୁଦ୍ଧରେ ଏକ ଅଭିଯାନ ?

1. ଗଛକଟା
2. ଜଳବିଦ୍ୟୁତ୍ କାର୍ଯ୍ୟଯୋଜନା
3. ବୃକ୍ଷ ରୋପଣ
4. ଆଦିବାସୀଙ୍କ ପାଇଁ "ଚିପ୍‌କୋ" ରାଜ୍ୟ ପ୍ରତିଷ୍ଠା

49. ନିମ୍ନଲିଖିତଙ୍କ ମଧ୍ୟରୁ କେଉଁଟି ସବୁଠାରୁ ବେଶୀ ଶବ୍ଦ ପ୍ରଦୂଷଣ ସୃଷ୍ଟି କରେ ।

1. ରେଳ ଇଞ୍ଜିନ
2. ଆକାଶରେ ଉଡୁଥିବା ଉଡ଼ାଜାହାଜ
3. ଲାଉଡ୍ ସ୍ପିକର
4. ଗାଁ ହାଟ

50. ନିମ୍ନଲିଖିତ ବିଷୟମାନଙ୍କ ମଧ୍ୟରୁ କେଉଁଟି ଜନବିସ୍ଫୋରଣ ଯୋଗୁ ହୁଏ ନାହିଁ ?

1. ଜୀବନଧାରଣର ମାନଦଣ୍ଡରେ ବୃଦ୍ଧି
2. ପରିବେଶ ଅବନତି
3. ବେକାରି ସଂଖ୍ୟା ବୃଦ୍ଧି
4. ଗ୍ରାମାଞ୍ଚଳ ଲୋକଙ୍କର ବହୁଳଭାବେ ସହରରେ ବସତି ସ୍ଥାପନ

51. ଓଡ଼ିଶା ସରକାର ଦେଉଥିବା "ସବୁଜପତ୍ର" (Green Card) କେଉଁମାନଙ୍କ ପାଇଁ ଉଦ୍ଦିଷ୍ଟ ?

1. ଭିନ୍ନ ଜାତିରେ ବିବାହ କରୁଥିବା ଦମ୍ପତି
2. ଦୁଇ ବା କମ୍ ସନ୍ତାନ ଥାଇ ଜନ୍ମନିୟନ୍ତ୍ରଣ ଅସ୍ତ୍ରୋପଚାର କରୁଥିବା ଦମ୍ପତି
3. ବିନା ଯୌତୁକରେ ବିବାହ କରୁଥିବା ଦମ୍ପତି
4. ସନ୍ତାନହୀନ ଦମ୍ପତି

52. ଜନ୍ମ ନିୟନ୍ତ୍ରଣ ନିମନ୍ତେ ନିମ୍ନଲିଖିତ ପଦ୍ଧତି ମଧ୍ୟରୁ କେଉଁଟି ସବୁଠାରୁ କମ୍ ନିର୍ଭରଯୋଗ୍ୟ ?

1. ଗର୍ଭନିରୋଧକ ବଟିକା
2. କପରଟି, ଲୁପ୍ ଇତ୍ୟାଦିର ବ୍ୟବହାର
3. ନିରୋଧ, କଣ୍ଡୋମ ଆଦି ଖୋଳ ବ୍ୟବହାର
4. ଋତୁଚକ୍ର ଅନୁଯାୟୀ ସହବାସ

53. କେତେକ ନିର୍ଦ୍ଦିଷ୍ଟ ପରିସ୍ଥିତିରେ ଗର୍ଭପାତ ଆଇନସମ୍ମତ । ମାତ୍ର ଏହି. ଯଦି ଗର୍ଭାବସ୍ଥାର ସଙ୍କୋଚ

1. 4 ସପ୍ତାହ ମଧ୍ୟରେ କରାଯାଇଥାଏ
2. 12 ସପ୍ତାହ ମଧ୍ୟରେ କରାଯାଇଥାଏ
3. 20 ସପ୍ତାହ ମଧ୍ୟରେ କରାଯାଇଥାଏ
4. 24 ସପ୍ତାହ ମଧ୍ୟରେ କରାଯାଇଥାଏ

54. "ଜୀବସଂଖ୍ୟା" ଏବଂ ସମ୍ପଦ ମଧ୍ୟରେ ଥିବା ସମ୍ପର୍କ ପ୍ରଥମେ ସୂଚାଇଥିବା ବ୍ୟକ୍ତି ହେଲେ,

1. କାର୍ଲ୍ ମାର୍କସ ।
2. ରବର୍ଟ ମାଲ୍‌ଥସ୍ ।
3. ଏମ୍. ଏସ୍. ସ୍ୱାମୀନାଥନ୍ ।
4. ଭି. ଟି. କୁରିଆନ୍ ।

55. 'ବିଶ୍ୱ ବନ୍ୟ ଜୀବ ପାଣ୍ଠି' [World wide Fund for Nature (WWF)] ର ସଙ୍କେତ ହେଉଛି :

1. ମୟୂର
2. ବାଘ
3. ପାଣ୍ଡା
4. ସିଂହ

## ତୃତୀୟ ଭାଗ

**ନିର୍ଦ୍ଦେଶାବଳୀ :**

ଏହି ବିଭାଗରେ ପ୍ରତ୍ୟେକ ପ୍ରଶ୍ନ ଗୋଟିଏ ଲେଖାଏଁ ବାକ୍ୟ । ବାକ୍ୟଟିର ଡାହାଣ ପଟରେ ତିନିଗୋଟି ସଂଖ୍ୟା 1, 2, ଏବଂ 3, ଲେଖାଯାଇଛି । ବାକ୍ୟଗୁଡ଼ିକ ଯତ୍ନର ସହିତ ପଢ଼ନ୍ତୁ ଏବଂ ପ୍ରତ୍ୟେକ କ୍ଷେତ୍ରରେ ସେ ସବୁ ଠିକ୍ ନାଁ ଭୁଲ ସ୍ଥିର କରନ୍ତୁ ।

ଯଦି ଆପଣ ସ୍ଥିର କରନ୍ତି ଯେ ଦିଆଯାଇଥିବା ବାକ୍ୟଟି ଠିକ ତା'ହେଲେ '1' ବୃତ୍ତପଟେ ଗୋଲ କରନ୍ତୁ ।

ଯଦି ଆପଣ ସ୍ଥିର କରନ୍ତି ଯେ ଦିଆଯାଇଥିବା ବାକ୍ୟଟି ଭୁଲ ତା'ହେଲେ '2' ବୃତ୍ତପଟେ ଗୋଲ କରନ୍ତୁ ।

ଯଦି ଆପଣ ବାକ୍ୟଟି ଠିକ୍ କିମ୍ବା ଭୁଲ ସ୍ଥିର କରିପାରୁ ନାହାନ୍ତି, ଅର୍ଥାତ୍ ବାକ୍ୟଟି ସମ୍ବନ୍ଧରେ ଆପଣ ଜାଣନ୍ତି ନାହିଁ ତା'ହେଲେ '୩' ବୃତ୍ତପଟେ ଗୋଲ କରନ୍ତୁ ।

କୌଣସି ପ୍ରଶ୍ନ ନ ଛାଡ଼ି ସମସ୍ତ ପ୍ରଶ୍ନର ଉତ୍ତର ଦିଅନ୍ତୁ ।

| | ଠିକ୍ | ଭୁଲ | ଠିକ୍ କି ଭୁଲ୍ କହି ହେବନି |
|---|---|---|---|
| 1. ମୃତ୍ୟୁହାର ଜନ୍ମହାର ଅପେକ୍ଷା ଅଧିକ ହେଲେ ଶୂନ୍ୟ ବୃଦ୍ଧି ହାର (Zero Growth) ଘଟିଥାଏ । | 1 | 2 | 3 |
| 2. ଅମ୍ଳୀୟ ବର୍ଷା (Acid rain) ଅନେକ ଅରଣ୍ୟ ଏବଂ ହ୍ରଦକୁ ନଷ୍ଟ କରିଦିଏ | 1 | 2 | 3 |
| 3. ଶରୀର ମଧ୍ୟରେ ତେଜସ୍କ୍ରିୟତା (Radio-active emission) ପ୍ରବେଶ କଲେ ଜିନ୍‌ର ଗୁଣାବଳୀରେ ପରିବର୍ତ୍ତନ (genetic changes) ଘଟିପାରେ | 1 | 2 | 3 |
| 4. ଜୀବନ୍ତ ବସ୍ତୁ ସବୁ ପରସ୍ପର ଉପରେ ଏବଂ ସେମାନଙ୍କ ପରିବେଶ ଉପରେ ନିର୍ଭରଶୀଳ । | 1 | 2 | 3 |
| 5. କୀଟ ମାରିବାପାଇଁ ଅତ୍ୟଧିକ ପରିମାଣରେ କୀଟନାଶକ ଔଷଧ ବ୍ୟବହାର କଲେ, ସେମାନଙ୍କ ମଧ୍ୟରେ ଔଷଧ ପ୍ରତିରୋଧ ଶକ୍ତିର ସଞ୍ଚାର ହୋଇଥାଏ | 1 | 2 | 3 |
| 6. ପୃଥିବୀର ପ୍ରାକୃତିକ ସମ୍ପଦସବୁ ଭୂମି ଅନୁପାତରେ ସମାନଭାବେ ବାଣ୍ଟି ହୋଇ ରହିଛି । | 1 | 2 | 3 |
| 7. "ସାମାଜିକ ବନୀକରଣ"ର ମୁଖ୍ୟ ଉଦ୍ଦେଶ୍ୟ ହେଲା ଗୃହ ଉପକରଣ ପାଇଁ କାଠ ଉତ୍ପାଦନ | 1 | 2 | 3 |
| 8. କୌଣସି ଏକ ଜୀବ ଜାତିର ବଞ୍ଚିରହିବା ପାଇଁ ଆବଶ୍ୟକ ସର୍ବନିମ୍ନ ସଂଖ୍ୟାକୁ, ନିରାପଦ ସଂଖ୍ୟା (safe number) କୁହାଯାଏ । | 1 | 2 | 3 |
| 9. କେବଳ ବାୟୁ ହିଁ ମୃତ୍ତିକା କ୍ଷୟର କାରଣ ଅଟେ । | 1 | 2 | 3 |
| 10. ଅନେକ 'ପରିବେଶ ସମସ୍ୟା' ବିଶ୍ୱର ବିଭିନ୍ନ ସ୍ଥାନରେ ଦେଖାଯାଇ ଥାଏ । | 1 | 2 | 3 |
| 11. ଉଭୟ ସ୍ୱଚ୍ଛଳତା ଏବଂ ଅଭାବରୁ ପ୍ରଦୂଷଣ ସୃଷ୍ଟି ହୁଏ | 1 | 2 | 3 |
| 12. ପରିସଂସ୍ଥାରେ କୌଣସି ପରିବର୍ତ୍ତନ ଏକ ଶୃଙ୍ଖଳ ପ୍ରତିକ୍ରିୟା (chain reaction) ସୃଷ୍ଟି କରେ । | 1 | 2 | 3 |
| 13. କେତେକ ସମୟରେ ବନ୍ୟଜୀବଜନ୍ତୁଙ୍କୁ ମାରିଲେ ଏହା ସେମାନଙ୍କର ସଂରକ୍ଷଣରେ ସାହାଯ୍ୟ କରେ । | 1 | 2 | 3 |
| 14. ପରିବେଶକୁ ନିୟନ୍ତ୍ରଣ କରିବା ଓ ବଦଳାଇବା ମନୁଷ୍ୟର ଶକ୍ତିର ବାହାରେ । | 1 | 2 | 3 |

| | ଠିକ୍ | ଭୁଲ | ଠିକ୍ କି ଭୁଲ କହି ହେବନି |
|---|---|---|---|
| 15. ବିକଳ୍ପ କାରିଗରୀ କୌଶଳର ପ୍ରୟୋଗରେ ସମ୍ପଦ କ୍ଷୟ କମିଯାଇ ପାରିବ । | 1 | 2 | 3 |
| 16. ଜନ ସଂଖ୍ୟାର ସ୍ଥାନାନ୍ତର, ଲୋକମାନଙ୍କର ସାମାଜିକ ସ୍ୱଭାବ ଉପରେ ପ୍ରଭାବ ପକାଇଥାଏ । | 1 | 2 | 3 |
| 17. ଶିକ୍ଷାଗତ ଯୋଗ୍ୟତା ଏବଂ ପରିବାରର ଆକାର ମଧ୍ୟରେ ସମ୍ପର୍କ ନାହିଁ । | 1 | 2 | 3 |
| 18. ପରିସଂସ୍ଥାର ସ୍ଥାୟିତ୍ୱ ଏଥିରେ ରହୁଥିବା ଜୀବମାନଙ୍କର ବିଭିନ୍ନତା ଉପରେ ନିର୍ଭର କରେ । | 1 | 2 | 3 |
| 19. ଏକ ନିର୍ଦ୍ଦିଷ୍ଟ ପରିସ୍ଥିତିରେ କୌଣସି ପରିବେଶରେ ରହୁଥିବା ସର୍ବାଧିକ ଜୀବ ସଂଖ୍ୟାକୁ ଉକ୍ତ ପରିବେଶର ଧାରଣ ଶକ୍ତି (carrying capacity) କୁହନ୍ତି । | 1 | 2 | 3 |
| 20. ମନୁଷ୍ୟକୃତ ପ୍ରଦୂଷଣଦ୍ୱାରା ପରିବେଶରେ ଘଟିତ ପରିବର୍ତ୍ତନର ସୁଧାର ହୁଏତ ସମ୍ଭବ ନୁହେଁ । | 1 | 2 | 3 |
| 21. ସବୁଜ ଗୃହ ପ୍ରଭାବ ନିମ୍ନଭୂମିରେ ଥିବା ଅନେକ ନଗରକୁ ବୁଡ଼ାଇ ଦେଇପାରେ । | 1 | 2 | 3 |
| 22. ଖାଦ୍ୟ ପଦାର୍ଥର ସଂରକ୍ଷଣ ଏବଂ ରଙ୍ଗ ନିମନ୍ତେ ବ୍ୟବହୃତ କୌଣସି ରସାୟନିକ ପଦାର୍ଥର ଗୁଣ କ୍ଷତିକାରକ ନୁହେଁ । | 1 | 2 | 3 |
| 23. ଶବ୍ଦଠାରୁ ଅଧିକ ଗତିରେ ଯାଉଥିବା ଜେଟ୍ ବିମାନଗୁଡ଼ିକ-ଦ୍ୱାରା ଓଜୋନ୍ ସ୍ତରର ପରିମାଣ ହ୍ରାସ ପାଇଥାଏ । | 1 | 2 | 3 |
| 24. ଆଣବିକ ଯୁଦ୍ଧ ଫଳରେ ଆଣବିକ ଶୀତଋତୁ (nuclear winter) ଆସିପାରେ । | 1 | 2 | 3 |
| 25. ଅଭୟାରଣ୍ୟଗୁଡ଼ିକ ମୁଖ୍ୟତଃ ଲୋକମାନଙ୍କର ମନୋରଞ୍ଜନ ନିମନ୍ତେ ଉଦ୍ଦିଷ୍ଟ । | 1 | 2 | 3 |
| 26. ପରିବେଶରେ ପରିବର୍ତ୍ତନ ସହିତ ସମହାରରେ ଜୀବମାନେ ପରିବର୍ତ୍ତିତ ହୁଅନ୍ତି । | 1 | 2 | 3 |
| 27. ପ୍ରାକୃତିକ ସମ୍ପଦ ଦୃଷ୍ଟିରୁ ବିଚାର କଲେ ପୃଥିବୀଟି ଗୋଟିଏ ମହାକାଶ ଯାନ ସଦୃଶ । | 1 | 2 | 3 |
| 28. ବୃହତ୍ ନଦୀବନ୍ଧ ଏବଂ କୃତ୍ରିମ ଜଳାଶୟଗୁଡ଼ିକ ସ୍ଥାୟୀ ପରିସଂସ୍ଥୀୟ ସନ୍ତୁଳନରେ (Ecological Balance) ବ୍ୟାଘାତ ଘଟାଇଥାନ୍ତି । | 1 | 2 | 3 |
| 29. କୌଣସି କୀଟନାଶକ ପଦାର୍ଥ ଖାଦ୍ୟ ଶୃଙ୍ଖଳ (food chain) ଦେଇ ଗତି କଲାବେଳେ କ୍ରମଶଃ ଏହାର ପରିମାଣ ହ୍ରାସ ପାଇଥାଏ । | 1 | 2 | 3 |

| | ଠିକ୍ | ଭୁଲ | ଠିକ୍ କି ଭୁଲ କହି ହେବନି |
|---|---|---|---|
| 30. ପ୍ରାକୃତିକ ସମ୍ପଦର ବ୍ୟବହାର ପରିମାଣରୁ କୌଣସି ଦେଶର ବିକାଶ ବିଷୟରେ ସୂଚନା ମିଳେ । | 1 | 2 | 3 |
| 31. ଜଙ୍ଗଲ ଧ୍ୱଂସ ଫଳରେ ଜଳବାୟୁର ପରିବର୍ତ୍ତନ ଘଟିପାରେ । | 1 | 2 | 3 |
| 32. ଅତ୍ୟଧିକ ପଶୁଚାରଣ ଫଳରେ ମରୁଭୂମି ସୃଷ୍ଟିର ସମ୍ଭାବନା କମେ । | 1 | 2 | 3 |
| 33. ପ୍ରକୃତିରେ ବର୍ଜ୍ୟବସ୍ତୁର ବିନିଯୋଗ ନିମନ୍ତେ ଏହାର ପରିଷ୍କାର ବ୍ୟବସ୍ଥା ରହିଛି । | 1 | 2 | 3 |
| 34. ପାଳିତ ବନ୍ୟଜନ୍ତୁଙ୍କ ପ୍ରଜନନ (captive breeding) ଏମାନଙ୍କ ସଂରକ୍ଷଣରେ ସହାୟକ । | 1 | 2 | 3 |
| 35. ଜୀବମାନେ ସେମାନଙ୍କର ପରିବେଶରେ ଯେ କୌଣସି ସ୍ତରର ପ୍ରଦୂଷଣ ସହ୍ୟ କରିପାରନ୍ତି । | 1 | 2 | 3 |
| 36. ମୃତ୍ତିକା କ୍ଷୟ ଭଳି ଜଳର କ୍ଷୟ ଦୃଶ୍ୟମାନ ହୁଏ ନାହିଁ । | 1 | 2 | 3 |
| 37. ସୂର୍ଯ୍ୟ ସକଳ ଶକ୍ତିର ଉତ୍ସ । | 1 | 2 | 3 |
| 38. ଜୈବଗ୍ୟାସ କାରଖାନାଗୁଡ଼ିକ ବାୟୁ ପ୍ରଦୂଷଣ ଜନ୍ମାନ୍ତି । | 1 | 2 | 3 |
| 39. କୌଣସି ଦେଶର ବିକାଶର ସ୍ତର ସହିତ ତାହାର ଭୂବିନିଯୋଗ (Land use) ପ୍ରଣାଳୀର ସମ୍ପର୍କ ନାହିଁ । | 1 | 2 | 3 |
| 40. ନବୀକରଣ ଅଯୋଗ୍ୟ ସମ୍ପଦଗୁଡ଼ିକ (Nonrenewable resources) ଅସୀମ ଅଟନ୍ତି । | 1 | 2 | 3 |

CENTRE OF ADVANCED STUDY IN EDUCATION
Faculty of Education and Psychology
M. S. University of Baroda
BARODA-390002, GUJARAT

# SCALE FOR ATTITUDE TOWARDS ENVIRONMENT

# ପରିବେଶ ସମ୍ବନ୍ଧୀୟ ମନୋବୃତ୍ତି

## ଚତୁର୍ଥ ଭାଗ

**ନିର୍ଦ୍ଦେଶାବଳୀ :**

ଏହା ଏକ ପରୀକ୍ଷା ନୁହେଁ । ଏହି ବିଭାଗରେ କେତେଗୁଡ଼ିଏ ବକ୍ତବ୍ୟ ଦିଆଯାଇଛି । ପ୍ରତି ବକ୍ତବ୍ୟ ପଢ଼ି ସାରିଲା ପରେ ଆପଣଙ୍କ ମନରେ ଯେଉଁ ପ୍ରତିକ୍ରିୟା ହେବ ତାହା ସ୍ୱଚ୍ଛନ୍ଦ ଏବଂ ଖୋଲା ଖୋଲି ଭାବରେ ନିମ୍ନମତେ ପ୍ରକାଶ କରନ୍ତୁ । ଆପଣଙ୍କ ପ୍ରତିକ୍ରିୟା ଠିକ୍ ବା ଭୁଲ ଏପରି କିଛି ହୋଇ ନ ପାରେ । ପ୍ରତ୍ୟେକ ବକ୍ତବ୍ୟର ଦକ୍ଷିଣ ପାର୍ଶ୍ୱରେ 1, 2, 3, 4, 5 ଏହିପରି 5 ଟି ସଂଖ୍ୟା ଲେଖାଯାଇଛି । ବକ୍ତବ୍ୟ ବିଷୟରେ ଆପଣ

—ଯଦି ବିଶେଷ ଭାବେ ଏକମତ ତା'ହେଲେ — 1 ଚାରିପଟେ ଗୋଲ ବୁଲାନ୍ତୁ ।
—ଯଦି ସାଧାରଣ ଭାବେ ଏକମତ ତା'ହେଲେ — 2 ଚାରିପଟେ ଗୋଲ ବୁଲାନ୍ତୁ ।
—ଯଦି ନିଶ୍ଚିତ ନୁହନ୍ତି ତା'ହେଲେ — 3 ଚାରିପଟେ ଗୋଲ ବୁଲାନ୍ତୁ ।
—ଯଦି ସାଧାରଣ ଭାବେ ଏକମତ ନୁହନ୍ତି ତା'ହେଲେ — 4 ଚାରିପଟେ ଗୋଲ ବୁଲାନ୍ତୁ ।
—ଯଦି ବିଶେଷ ଭାବେ ଏକମତ ନୁହନ୍ତି ତା'ହେଲେ — 5 ଚାରିପଟେ ଗୋଲ ବୁଲାନ୍ତୁ ।

ପ୍ରତ୍ୟେକ ବକ୍ତବ୍ୟ ବିଷୟରେ ମତାମତ ଦିଅନ୍ତୁ ।

| | ବିଶେଷ ଭାବରେ ଏକମତ | ସାଧାରଣ ଭାବରେ ଏକମତ | ଅନିଶ୍ଚିତ | ସାଧାରଣ ଭାବରେ ଏକମତ ନୁହେଁ | ବିଶେଷ ଭାବରେ ଏକମତ ନୁହେଁ |
|---|---|---|---|---|---|
| | 1 | 2 | 3 | 4 | 5 |
| 1. ଜନସଂଖ୍ୟା ବିସ୍ଫୋରଣ ରୋକାଯିବା ନିମନ୍ତେ ପରିବାର ନିୟନ୍ତ୍ରଣ ନିହାତି ଆବଶ୍ୟକ । | 1 | 2 | 3 | 4 | 5 |
| 2. ଗର୍ଭାବସ୍ଥାରେ ଯେ କୌଣସି ସମୟରେ ଗର୍ଭପାତ କଲେ ମଧ୍ୟ ଏହା ଏକ ପାପ । | 1 | 2 | 3 | 4 | 5 |

| | ବିଶେଷ ଭାବରେ ଏକମତ | ସାଧାରଣ ଭାବରେ ଏକମତ | ଅନିଶ୍ଚିତ | ସାଧାରଣ ଭାବରେ ଏକମତ ନୁହେଁ | ବିଶେଷ ଭାବରେ ଏକମତ ନୁହେଁ |
|---|---|---|---|---|---|
| | 1 | 2 | 3 | 4 | 5 |
| 3. ଦୁଇରୁ ଅଧିକ ସନ୍ତାନ ଇଚ୍ଛା କରୁଥିବା ଲୋକମାନେ ବରଂ ତୃତୀୟ ସନ୍ତାନ ପୋଷ୍ୟପୁତ୍ର/କନ୍ୟା ରୂପେ ଗ୍ରହଣ କରିପାରନ୍ତି । | 1 | 2 | 3 | 4 | 5 |
| 4. ପରିବାରର ସନ୍ତାନ ସଂଖ୍ୟା ଏକ ମଧ୍ୟରେ ସୀମିତ ରଖିବାକୁ ବାଧ କରାଗଲେ ଶିଶୁକନ୍ୟା ହତ୍ୟା ହିଁ ସାର ହେବ । | 1 | 2 | 3 | 4 | 5 |
| 5. ଭାରତର ଜନ ସଂଖ୍ୟା ବୃଦ୍ଧି ସମସ୍ୟାର ସମାଧାନ ନିମନ୍ତେ ବାଧ୍ୟତାମୂଳକ ଜନ୍ମ ନିୟନ୍ତ୍ରଣ ଅସ୍ତ୍ରୋପଚାର ହିଁ ଏକମାତ୍ର ଉପାୟ । | 1 | 2 | 3 | 4 | 5 |
| 6. ପିତାମାତା ଉଭୟ ପୁଅ ଏବଂ ଝିଅ ମଧ୍ୟରେ କିଛି ତାରତମ୍ୟ ଅନୁଭବ କରିବା ଅନୁଚିତ । | 1 | 2 | 3 | 4 | 5 |
| 7. ସହରାଞ୍ଚଳରେ ଦେଖାଯାଉଥିବା ବସ୍ତି ସମସ୍ୟା (urban slum problems) ର ସମାଧାନ ନିମନ୍ତେ ବସ୍ତି ଲୋକଙ୍କୁ ବାଧ୍ୟତାମୂଳକ ଭାବେ ଗ୍ରାମାଞ୍ଚଳକୁ ପଠାଇଦେବା ଉଚିତ । | 1 | 2 | 3 | 4 | 5 |
| 8. ବହୁ ସନ୍ତାନ ଇଚ୍ଛା କରୁଥିବା ଲୋକମାନେ ସେମାନଙ୍କ ପରିବାରର ଭରଣପୋଷଣ ନିମନ୍ତେ ସରକାରଙ୍କଠାରୁ ଅର୍ଥ ସାହାଯ୍ୟ ପାଇବା ଉଚିତ । | 1 | 2 | 3 | 4 | 5 |
| 9. ପ୍ରଦୂଷଣଜନିତ କ୍ଷୟକ୍ଷତିର ଭରଣା ପ୍ରଦୂଷଣ ଘଟାଉଥିବା ଶିଳ୍ପସଂସ୍ଥା ବହନ କରିବା ଉଚିତ । | 1 | 2 | 3 | 4 | 5 |
| 10. ଭାରତର ମୋଟ ଜାତୀୟ ଉତ୍ପାଦନ ବଢ଼ାଇବା ନିମନ୍ତେ ଶିଳ୍ପଗୁଡ଼ିକର ଅବାରିତ ପ୍ରସାରଣ ଆବଶ୍ୟକ । | 1 | 2 | 3 | 4 | 5 |
| 11. ଭାରତରେ ପ୍ରଦୂଷଣ ସମସ୍ୟା ନେଇ ବର୍ତ୍ତମାନ ଆତଙ୍କିତ ହେବାର କାରଣ ନାହିଁ । | 1 | 2 | 3 | 4 | 5 |
| 12. କେବଳ ଆର୍ଥିକ ଲାଭକୁ ଭିତ୍ତିକରି ନୂତନ ଶିଳ୍ପ କାରଖାନା ବସାଯିବା ଦରକାର । | 1 | 2 | 3 | 4 | 5 |
| 13. ପ୍ରଦୂଷଣ କମାଇବା ନିମନ୍ତେ କଠୋର ନିୟମ ପ୍ରବର୍ତ୍ତନ ସର୍ବାପେକ୍ଷା ଫଳପ୍ରଦ ଉପାୟ । | 1 | 2 | 3 | 4 | 5 |
| 14. ଦୀର୍ଘ ସମୟ ଧରି ବିଷାକ୍ତ ରହୁଥିବା ପୋକମରା ଔଷଧର ଉତ୍ପାଦନ ନିଷିଦ୍ଧ କରାଯିବା ଉଚିତ । | 1 | 2 | 3 | 4 | 5 |

| | ବିଶେଷ ଭାବରେ ଏକମତ ନୁହେଁ | ସାଧାରଣ ଭାବରେ ଏକମତ ନୁହେଁ | ଅନିଶ୍ଚିତ | ସାଧାରଣ ଭାବରେ ଏକମତ ନୁହେଁ | ବିଶେଷ ଭାବରେ ଏକମତ ନୁହେଁ |
|---|---|---|---|---|---|
| | 1 | 2 | 3 | 4 | 5 |
| 15. ପ୍ରାକୃତିକ ପରିବେଶର ସୁରକ୍ଷା ଦିଗରେ ଆମର ନୈତିକ ଦାୟିତ୍ୱ ରହିଛି । | 1 | 2 | 3 | 4 | 5 |
| 16. ଖଣିଜ ଦ୍ରବ୍ୟ ସରିଗଲା ପରେ ଖଣିଗୁଡ଼ିକୁ ସେହି ଅବସ୍ଥାରେ ଛାଡ଼ିଦେବା ପାଇଁ କଣ୍ଟ୍ରାକ୍ଟରମାନଙ୍କୁ ଅନୁମତି ଦିଆଯିବା ଅନୁଚିତ୍ । | 1 | 2 | 3 | 4 | 5 |
| 17. ବସ୍ତୁର ପୁନଃ ବ୍ୟବହାରଦ୍ୱାରା ପ୍ରସ୍ତୁତ ପଦାର୍ଥ ଅଧିକ ବ୍ୟୟସାପେକ୍ଷ ହେଲେ ମଧ୍ୟ ଲୋକେ ସେସବୁ ବ୍ୟବହାର କରିବା ଉଚିତ୍ । | 1 | 2 | 3 | 4 | 5 |
| 18. 'ପରିବେଶ ଉପରେ ପଡ଼ିଥିବା ପ୍ରଭାବକୁ ବିଚାର ନ କରି ଆଣ୍ଟାର୍କଟିକାରେ ରହିଥିବା ସମସ୍ତ ଖଣିଜ ତୈଳ ଏବଂ ଅନ୍ୟାନ୍ୟ ଖଣିଜ ସମ୍ପଦର ଉଦ୍ଧାର କାର୍ଯ୍ୟ ଅବିଳମ୍ବେ ଆରମ୍ଭ କରିବା ଉଚିତ୍ । | 1 | 2 | 3 | 4 | 5 |
| 19. ପ୍ରାକୃତିକ ସମ୍ପଦର ସଂରକ୍ଷଣ ନିମନ୍ତେ ମନୁଷ୍ୟଜାତିର ଜୀବନ ଧାରଣ ରୀତି ବଦଳାଇବା ଉଚିତ । | 1 | 2 | 3 | 4 | 5 |
| କାଠର ବେଆଇନ କାରବାର ରୋକିବା ନିମନ୍ତେ ସମସ୍ତ କରତ କଳ ଜାତୀୟକରଣ କରାଯିବା ଉଚିତ୍ । | 1 | 2 | 3 | 4 | 5 |
| 21. ଜଳବିଦ୍ୟୁତ୍ ପ୍ରକଳ୍ପଦ୍ୱାରା ବାସଚ୍ୟୁତ ଲୋକଙ୍କର ଥଇଥାନ ଦାୟିତ୍ୱ ସରକାରଙ୍କର ହେବା ଉଚିତ ନୁହେଁ । | 1 | 2 | 3 | 4 | 5 |
| 22. ମନୁଷ୍ୟର ଉପଭୋଗ ପାଇଁ ହିଁ ଉଦ୍ଭିଦ ଓ ଇତର ପ୍ରାଣୀମାନେ ରହିଛନ୍ତି । | 1 | 2 | 3 | 4 | 5 |
| 23. ଲୋମଶ ପୋଷାକ (fur-coat) ବ୍ୟବହାର କରୁଥିବା ଲୋକଙ୍କୁ ସାମାଜିକ ବାସନ୍ଦ କରାଯିବା ଉଚିତ୍ । | 1 | 2 | 3 | 4 | 5 |
| 24. ଜାତୀୟ ଉଦ୍ୟାନଗୁଡ଼ିକୁ ଲୋକମାନଙ୍କର ଅବାଧ ପ୍ରବେଶ ରହିବା ଉଚିତ୍ । | 1 | 2 | 3 | 4 | 5 |

| | ବିଶେଷ ଭାବରେ ଏକମତ | ସାଧାରଣ ଭାବରେ ଏକମତ | ଅନିଶ୍ଚିତ | ସାଧାରଣ ଭାବରେ ଏକମତ ନୁହେଁ | ବିଶେଷ ଭାବରେ ଏକମତ ନୁହେଁ |
|---|---|---|---|---|---|
| | 1 | 2 | 3 | 4 | 5 |
| 25. ଅଳ୍ପ ଇନ୍ଧନ ବ୍ୟୟ କରୁଥିବା ଯାନବାହନ-ଗୁଡ଼ିକୁ ସରକାରୀ ପୃଷ୍ଠପୋଷକତା ମିଳିବା ଉଚିତ୍ । | 1 | 2 | 3 | 4 | 5 |
| 26. ଇନ୍ଧନର ସଞ୍ଚୟ ନିମନ୍ତେ ପ୍ରମୋଦ ଯାତ୍ରା ଉପରେ କଟକଣା ଜାରି କରାଯିବା ଉଚିତ୍ । | 1 | 2 | 3 | 4 | 5 |
| 27. କୃଷିନିମନ୍ତେ, ଜଙ୍ଗଲ ଜମିରି ବ୍ୟବହାର ଉପରେ ସରକାର ତୁରନ୍ତ ସଂପୂର୍ଣ୍ଣ ନିଷେଧାଜ୍ଞା ଜାରିକରିବା ଉଚିତ୍ । | 1 | 2 | 3 | 4 | 5 |
| 28. ପରିବେଶ ସମ୍ବନ୍ଧୀୟ ସମସ୍ୟାକୁ ଅତି ରଞ୍ଜିତ କରି ଦର୍ଶାଯାଇଛି । | 1 | 2 | 3 | 4 | 5 |
| 29. ବିଜ୍ଞାନ ଓ କାରିଗରୀ କୌଶଳ ପ୍ରୟୋଗରେ ସମସ୍ତ ପରିବେଶ ସମସ୍ୟାର ସମାଧାନ ସମ୍ଭବ । | 1 | 2 | 3 | 4 | 5 |
| 30. ପରିବେଶ ସମସ୍ୟାସମ୍ବନ୍ଧୀୟ ବର୍ତ୍ତମାନର ଅତ୍ୟଧିକ ଆଗ୍ରହ ଏକ କ୍ଷଣସ୍ଥାୟୀ ଖିଆଲ । | 1 | 2 | 3 | 4 | 5 |

: : : : : :

ମୁଦ୍ରଣ :
ନବଜୀବନ ପ୍ରେସ,
ଗୁନ୍ଦମାର୍କେଟ, କଟକ-୨